# ସତ୍ୟବାକ୍ୟ

# THE WORD OF TRUTH

**Nov & Dec - 2007**

AN ORIYA BIMONTLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

VOL.12 Nov & Dec...2007 (No.6)

Published every two months in Oriya language for the Restoration of pure New Tesament Christianity

Watch SATYA VANI Programme on T.V.- 5 Channel
Every Saturday at 6:30 a.m in Telugu Language.

**Speakers : Joshua Gootam & Ricky Gootam**

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O. Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XII KAKINADA NOV-DEC


## ଲଜ୍ଜାବୋଧ ନ କର

### (Working with God)

ଆକାଶ ଓ ପୃଥିବୀ ପରମେଶ୍ୱରଙ୍କ ହସ୍ତକୃତ କର୍ମ ଅଟେ । ମହାରାଜ ଦାଉଦ କହନ୍ତି,''ତୁମ୍ଭେ ଆଦ୍ୟରୁ ପୃଥିବୀର ମୂଳ ସ୍ଥାପନ କରିଅଛ, ପୁଣି ଆକାଶ ମଣ୍ଡଳ ତୁମ୍ଭର ହସ୍ତକୃତ କର୍ମ ।'' (ଗୀତ ୧୦୨:୨୫) । ଏବ୍ରୀ ପୁସ୍ତକକର୍ତ୍ତା ଲେଖନ୍ତି,''ଆହୁରି, ହେ ପ୍ରଭୁ ତୁମ୍ଭେ ଆରମ୍ଭରେ ପୃଥିବୀର ଭିତ୍ତିମୂଳ ସ୍ଥାପନ କରିଅଛ, ପୁଣି ଆକାଶମଣ୍ଡଳ ତୁମ୍ଭ ହସ୍ତକୃତ କର୍ମ, ସେହିସବୁ ବିନଷ୍ଟ ହେବ, କିନ୍ତୁ ତୁମ୍ଭେ ନିତ୍ୟସ୍ଥାୟୀ ଆଉ ସେହିସବୁ ବସ୍ତ୍ର ପରି ଜୀର୍ଣ୍ଣ ହୋଇଯିବ । ପୁଣି, ତୁମ୍ଭେ ଚାଦର ପରି, ହଁ ବସ୍ତ୍ର ପରି ସେହିସବୁ ଗୁଡ଼ାଇବ, ଆଉ ସବୁ ପରିବର୍ତ୍ତିତ ହେବ । କିନ୍ତୁ ତୁମ୍ଭେ ସର୍ବଦା ସମାନ, ପୁଣି ତୁମ୍ଭର ବର୍ଷ ସମୂହ ଶେଷ ହେବ ନାହିଁ । (ଏବ୍ରୀ ୧:୧୦-୧୨)

ସୈନ୍ୟାଧିପତି ସଦାପ୍ରଭୁ ସ୍ୱର୍ଗ ଓ ପୃଥିବୀ ସହ ତନ୍ମଧ୍ୟସ୍ଥ ସମସ୍ତ ବସ୍ତୁ ଓ ପ୍ରାଣୀ ସୃଷ୍ଟି କରିଥିଲେ । ପୁରୁଷ ଓ ସ୍ତ୍ରୀ ତାହାଙ୍କ ସୃଷ୍ଟ । ସୃଷ୍ଟି ସମୟରେ ସ୍ୱ ସ୍ୱ ଜାତି ଉତ୍ପାଦନର ନିୟମ ସଦାପ୍ରଭୁ ସ୍ଥାପନ କରିଥିଲେ । ''ଏ ଉତ୍ତାରୁ ପରମେଶ୍ୱର କହିଲେ, ପୃଥିବୀ ତୃଣ ଓ ସଜୀବ ଶାକ ଓ ବୀଜ ସମ୍ବଳିତ ସ୍ୱ ସ୍ୱ ଜାତି ଅନୁଯାୟୀ ଫଳୋତ୍ପାଦକ ଫଳବୃକ୍ଷ ଭୂମି ଉପରେ ଉତ୍ପନ୍ନ କରୁ । ତହିଁରେ ସେପରି ହେଲା ।'' (ଆଦି ୧:୧୧) ।'' ''ଅନନ୍ତର ପରମେଶ୍ୱର କହିଲେ, ପୃଥିବୀରେ ସ୍ୱ ସ୍ୱ ଜାତି ଅନୁସାରେ ପ୍ରାଣୀବର୍ଗ, ଅର୍ଥାତ୍ ଗ୍ରାମ୍ୟପଶୁ ଓ ଉରୋଗାମୀ ଜନ୍ତୁ ଓ ସ୍ୱ ସ୍ୱ ଜାତି ଅନୁସାରେ ପୃଥିବୀର ବଣ୍ୟ ପଶୁଗଣ ଉତ୍ପନ୍ନ ହେଉନ୍ତୁ, ତହିଁରେ ସେପରି ହେଲା । (ଆଦି ୧:୨୪) । ମନୁଷ୍ୟ ବିଷୟରେ ଲେଖାଯାଏ, ''ଅନନ୍ତର ଆପଣା ପ୍ରତିମୂର୍ତ୍ତୀରେ ମନୁଷ୍ୟଙ୍କୁ ସୃଷ୍ଟି କଲେ, ପରମେଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ସେ ତାହାକୁ ସୃଷ୍ଟି କଲେ, ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ । ଆଉ ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କଲେ, ପୁଣି ପରମେଶ୍ୱର ସେମାନଙ୍କୁ କହିଲେ, ପ୍ରଜାବନ୍ତ ଓ ବହୁବଂଶ ହୁଅ. ପୁଣି ପୃଥିବୀ କି

ପରିପୂର୍ଣ୍ଣ କରି ବଶୀଭୂତ କର, ଆଉ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ଭୂଚର ଉରୋଗାମୀ ଜନ୍ତୁଗଣ ଉପରେ କର୍ତ୍ତୃକ କର ।'' (ଆଦି ୧:୨୭,୨୮)

ସଦାପ୍ରଭୁ ପୁରୁଷ ଓ ସ୍ତ୍ରୀ ଓ ସମସ୍ତ ଜୀବ ସୃଷ୍ଟି କଲାପରେ ସ୍ୱ ସ୍ୱ ଜାତି ଉତ୍ପାଦନ ନିମନ୍ତେ ନିୟମ ସ୍ଥାପନ କରିଛନ୍ତି । ଏତଦ୍ୱାରା ଜଗତରେ ଜୀବନ ସ୍ରୋତ ଚାଲିରହିଅଛି । ଜଗତରେ ଜୀବନର କାରକ କିଏ ? ଏହା କାହାର କାର୍ଯ୍ୟ ? ଏହି ସମୟ ପର୍ଯ୍ୟନ୍ତ ସଦାପ୍ରଭୁ ହିଁ ଜୀବନର କର୍ତ୍ତା ଅଟନ୍ତି । ଆଧୁନିକ ମନୁଷ୍ୟ ଅତ୍ୟଧିକ ଅଭିବୃଦ୍ଧି କରିଅଛି, କିନ୍ତୁ ସେ କି ଜୀବନ ସୃଷ୍ଟି କରିପାରିଅଛି ? ମନୁଷ୍ୟଙ୍କୁ ନୂତନ ବିଷୟ ଉଦ୍ଭାବନ କରିବାକୁ ଜ୍ଞାନ ମଧ୍ୟ ସଦାପ୍ରଭୁଙ୍କ ଦତ୍ତ ଅଟେ । ଯଦିଓ ମନୁଷ୍ୟ ଆପଣା ସୁବୁଦ୍ଧିରେ ଅନେକ ବିଷୟ ସାଧନ କରିପାରିଅଛି, ସଦାପ୍ରଭୁଙ୍କ ସାହାଯ୍ୟରେ ସେ ଆହୁରି ଅଧିକ ଭାବେ ସଫଳତା ଲାଭ କରିପାରେ । ମନୁଷ୍ୟ ଆପଣାକୁ ସର୍ବଜ୍ଞାନୀ ଓ ସଦାପ୍ରଭୁଙ୍କ ସାହାଯ୍ୟ ନ ଲୋଡ଼ି, ତାହାଙ୍କ ଆଜ୍ଞା ଅମାନ୍ୟ କଲେ, ସେ କିପରି ସଦାପ୍ରଭୁଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତ ହେବ ? ଯାକୁବ କହନ୍ତି,''କାରଣ ମନୁଷ୍ୟର କ୍ରୋଧ ଈଶ୍ୱରଙ୍କ ଗ୍ରାହ୍ୟ ଧାର୍ମିକତା ସାଧନ କରେ ନାହିଁ ।'' (ଯାକୁବ ୧:୨୦) ଅନେକ କେବଳ ଓଷ୍ଠାଧାରରେ ପ୍ରଭୁଙ୍କୁ ସ୍ୱୀକାର କରନ୍ତି, କିନ୍ତୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ସ୍ଥାନ ନାହିଁ । ''ସେମାନେ ଈଶ୍ୱରଙ୍କୁ ଜାଣନ୍ତି ବୋଲି ସ୍ୱୀକାର କରନ୍ତି କିନ୍ତୁ ସେମାନଙ୍କ କର୍ମଦ୍ୱାରା ତାହାଙ୍କୁ ଅସ୍ୱୀକାର କରନ୍ତି । ସେମାନେ ଘୃଣ୍ୟ ଓ ଅବାଧ୍ୟ ପୁଣି ସମସ୍ତ ସତ୍କର୍ମର ଅଯୋଗ୍ୟ ।'' (ତିତସ ୧:୧୬) ''ଯଦି କୌଣସି ଲୋକ ଅସାର ହେଲେହେଁ ଆପଣାକୁ ବଡ଼ ବୋଲି ମନେ କରେ, ତେବେ ସେ ନିଜକୁ ପ୍ରବଞ୍ଚନା କରେ । କିନ୍ତୁ ପ୍ରତ୍ୟେକ ଜଣ ଆପଣା କର୍ମ ପରୀକ୍ଷା କରୁ, ତେବେ ସେ ଅନ୍ୟ ସହିତ ଆପଣାକୁ ତୁଳନା କରିବା ଦ୍ୱାରା ଦର୍ପ ନକରି କେବଳ ନିଜ ଠାରେ ଦର୍ପର କାରଣ ପାଇବ ।'' (ଗାଲାତୀ ୬:୩,୪)

ସୃଷ୍ଟି ପ୍ରାରମ୍ଭରେ ସଦାପ୍ରଭୁ ସମସ୍ତ ବିଷୟ ଆଶ୍ଚର୍ଯ୍ୟଭାବେ ସୃଷ୍ଟି କରିଥିଲେ । କିନ୍ତୁ ତତ୍‌ପରେ ସେ ଅନ୍ୟ କୌଣସି ବିଷୟ ଆଶ୍ଚର୍ଯ୍ୟଭାବେ ସୃଷ୍ଟି କରିବାର ଆବଶ୍ୟକତା ନଥିଲା । ସେ ଥରେ ଆପଣା ପ୍ରିୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତକୁ ପ୍ରେରଣ କରି ମାନବ ସମାଜ ନିମନ୍ତେ ଥରେ ମାତ୍ର ମୃତ୍ୟୁର ଦ୍ୱାର ଦେଇ ଯିବାକୁ ଅନୁମତି ଦେଇଥିଲେ । ତାହାଙ୍କ ପୁନଃରୁଥାନରେ ଆମ୍ଭେମାନେ ଜୀବନ ପାଉ । ଏହି ଶୁଭବାର୍ତ୍ତାକୁ ମନୁଷ୍ୟମାନଙ୍କୁ ଜଣାଇବାର ଭାର ସେ ମନୁଷ୍ୟ ଉପରେ ଥୋଇ ଅଛନ୍ତି । ଖ୍ରୀଷ୍ଟ ପ୍ରେରିତମାନଙ୍କୁ କହିଲେ,''ପୁଣି, ସେ ସେମାନଙ୍କୁ କହିଲେ, ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ । (ମା

୧୬:୧୫,୧୬) । ସେ ସୁସମାଚାର ସଙ୍ଗେ ସୁସମାଚାର ସର୍ତ୍ତଗୁଡ଼ିକ ପ୍ରଚାର କରିବା ନିମନ୍ତେ ଆଜ୍ଞା ଦେଇଅଛନ୍ତି, ତାହା ହେଲା, ଶ୍ରବଣକାରୀ ବିଶ୍ୱାସ କରି ବାପ୍ତିଜିତ ହେବା ଆବଶ୍ୟକ । ସଦାପ୍ରଭୁ ମନୁଷ୍ୟମାନଙ୍କୁ ପରିତ୍ରାଣର ମାର୍ଗ ଜଣାଇ ଅଛନ୍ତି, ମନୁଷ୍ୟ ତାହା ଅନୁସରଣ କଲେ ପରିତ୍ରାଣ ପାଇବ । ଯେଉଁମାନେ ଅଗ୍ରାହ୍ୟ କରନ୍ତି ସେମାନଙ୍କ ଗତି କଅଣ ହେବ ? ଆପଣା ଅବିଶ୍ୱାସ ହେତୁ ସେମାନେ ବିନଷ୍ଟ ହେବେ । ଯେଉଁମାନେ ପ୍ରଭୁଙ୍କ ଠାରେ ପ୍ରକୃତ ବିଶ୍ୱାସ କରନ୍ତି, ସେମାନେ ନିଶ୍ଚିତ ଭାବେ ତାହାଙ୍କ ଆଜ୍ଞା ପାଳନ କରିବେ । ଉଦାହରଣ ସ୍ୱରୂପ, କୂଶଦେଶୀୟ ନପୁଂସକଙ୍କ ବିଷୟରେ ପ୍ରେରିତ ଅଷ୍ଟମ ଅଧ୍ୟାୟରେ ପଢ଼ିଥାଉ । ଏଫିସୀ ୨:୮,୯ ଓ ତିତସ ୩:୫ ଅନୁଯାୟୀ ପରିତ୍ରାଣ ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପ୍ରାପ୍ତ ହୁଏ, କିନ୍ତୁ ପରମେଶ୍ୱରଙ୍କ ଆଜ୍ଞା ଅନୁସରଣ ବିନୁ କେହି ପରିତ୍ରାଣ ପାଇପାରେ ନାହିଁ । ଯଦି କେହି ବିଶ୍ୱାସରେ ଆଜ୍ଞାବହ ନ ହୁଏ, ତାକୁ ପ୍ରଭୁ କାହିଁକି ବି ପରିତ୍ରାଣ ଦାନ କରିବେ ?

ସଦାପ୍ରଭୁ ଆମ୍ଭମାନଙ୍କ ଠାରୁ ବିଶ୍ୱାସର କାର୍ଯ୍ୟ ଲୋଡ଼ନ୍ତି, ଯେଉଁମାନେ ତାହାଙ୍କ ଆଜ୍ଞା ପାଳନ କରନ୍ତି ସେମାନେ ମଣ୍ଡଳୀର ସଭ୍ୟ ହେବେ ଓ ତାହାଙ୍କ ଆଜ୍ଞାନୁଯାୟୀ କାର୍ଯ୍ୟ କରିବେ । ପାଉଲ କହନ୍ତି,"ଆହୁରି ମଧ୍ୟ ଈଶ୍ୱରଙ୍କ ଅନୁଗ୍ରହ ପ୍ରାପ୍ତି ଯେପରି ତୁମ୍ଭମାନଙ୍କ ଠାରେ ବୃଥା ନ ହୁଏ, ଏଥିପାଇଁ ତାହାଙ୍କ ସହିତ ଏକତ୍ର କର୍ମ କରୁ କରୁ ଆମ୍ଭେମାନେ ନିବେଦନ କରୁଅଛୁ ।" (୨ କରିନ୍ଥୀ ୬:୧) । ପାଉଲ ତୀମଥିଙ୍କୁ ଲେଖନ୍ତି,"ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବାରେ ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର !" (୨ ତୀମଥି ୨:୧୫) । "କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତ୍‌କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ, ଆଚରଣରେ ସେହିସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟଯୀଶୁଙ୍କ ଠାରେ ସୃଷ୍ଟ ।" (ଏଫିସୀ ୨:୧୦) ଆମ୍ଭେମାନେ ତାହାଙ୍କ ସହିତ କାର୍ଯ୍ୟ କରିବା ନିମନ୍ତେ ଓ ସେ ଆମ୍ଭମାନଙ୍କ ସହିତ କାର୍ଯ୍ୟ କରିବା ନିମନ୍ତେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ, ତାହାଙ୍କ ସ୍ଥାପିତ ମଣ୍ଡଳୀରେ ରହିବା ଆବଶ୍ୟକ । ସେ ଆମ୍ଭମାନଙ୍କ ପ୍ରଭୁ, ଆମ୍ଭେମାନେ ତାହାଙ୍କ ଦାସ । ତାହାଙ୍କ ଇଚ୍ଛା ପାଳନ କଲେ, ସେ ଆମ୍ଭମାନଙ୍କୁ ଆଶୀର୍ବାଦ କରିବେ ଓ ଆମ୍ଭମାନଙ୍କ ଦ୍ୱାରା ଖ୍ରୀଷ୍ଟଙ୍କ ନିକଟକୁ ଆସିଥିବା ଆତ୍ମାମାନଙ୍କୁ ସେ ଆଶୀର୍ବାଦ କରିବେ । ତାହାଙ୍କ ଇଚ୍ଛା ପାଳନ କରି ତାହାଙ୍କ ଠାରେ ନମ୍ର ହେଲେ, ସେ ଆମ୍ଭମାନଙ୍କୁ ଗ୍ରହଣ କରି ତାହାଙ୍କ ଇଚ୍ଛାନୁଯାୟୀ ଆମ୍ଭମାନଙ୍କ ଜୀବନ ପରିବର୍ତ୍ତିତ କରିବେ । ସେ ଆମ୍ଭମାନଙ୍କୁ ମହାନ୍ କାର୍ଯ୍ୟକାରୀ ରୂପେ ଗଢ଼ିପାରିବା ସମର୍ଥ ପରମେଶ୍ୱର ଅଟନ୍ତି । ସେ ଆପଣା

ସଂକଳ୍ପ ସଫଳ ହେବା ନିମନ୍ତେ ଆମ୍ଭମାନଙ୍କ ଦ୍ୱାରା କାର୍ଯ୍ୟ କରିବେ ।

ପ୍ରେରିତ ପାଉଲ କହନ୍ତି,"ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ସେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ ।" (ରୋମୀୟ ୮:୨୮) । ତତ୍ପରେ ସେ କହନ୍ତି,"ତେବେ ଏ ସମସ୍ତ ଦୃଷ୍ଟିରେ ଆମ୍ଭେମାନେ କଅଣ କହିବା ? ଯଦି ଈଶ୍ୱର ଆମ୍ଭମାନଙ୍କ ସପକ୍ଷ, ତେବେ ଆମ୍ଭମାନଙ୍କ ବିପକ୍ଷ କିଏ ? ଯେ ଆପଣା ପୁତ୍ରଙ୍କୁ ସୁଦ୍ଧା ରକ୍ଷା କଲେ ନାହିଁ, ମାତ୍ର ଆମ୍ଭ ସମସ୍ତଙ୍କ ନିମନ୍ତେ ତାହାଙ୍କୁ ସମର୍ପଣ କଲେ, ସେ କିପରି ତାହାଙ୍କ ସହିତ ମଧ୍ୟ ସମସ୍ତ ବିଷୟ ଆମ୍ଭମାନଙ୍କୁ ଅନୁଗ୍ରହରେ ଦାନ ନ କରିବେ ? ଈଶ୍ୱରଙ୍କ ମନୋନୀତ ଲୋକମାନଙ୍କ ବିରୁଦ୍ଧରେ କିଏ ଅଭିଯୋଗ କରିବ ? ଈଶ୍ୱର ତ' ସେମାନଙ୍କୁ ଧାର୍ମିକ ବୋଲି ଗଣନା କରିଅଛନ୍ତି କିଏ ଦଣ୍ଡାଜ୍ଞା ଦେବ ? ଖ୍ରୀଷ୍ଟ ଯୀଶୁ ତ ମୃତ୍ୟୁଭୋଗ କଲେ, ବରଂ ସେ ଉତ୍ଥାପିତ ହେଲେ, ସେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଅଛନ୍ତି, ସେ ମଧ୍ୟ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରୁଅଛନ୍ତି । ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କ ବିଚ୍ଛିନ୍ନ କରିବ ? କି କ୍ଳେଶ, କି ସଙ୍କଟ, କି ତାଡ଼ନା, କି ଦୁର୍ଭିକ୍ଷ, କି ଉଲଗ୍ନତା, କି ବିପଦ, କି ଖଡ୍ଗ ? ଯେପରି ଲେଖାଅଛି,"ତୁମ୍ଭ ନିମନ୍ତେ ଆମ୍ଭେମାନେ ସମସ୍ତ ଦିନ ନିହତ ହେଉଅଛୁ, ଆମ୍ଭେମାନେ ବଧଯୋଗ୍ୟ ମେଷ ପରି ଗଣିତ ହୋଇଅଛୁ । ତଥାପି ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ । କାରଣ ମୃତ୍ୟୁ କି ଜୀବନ. ଦୂତ କି କର୍ତ୍ତାପଣ, ବର୍ତ୍ତମାନ କି ଭବିଷ୍ୟତ କି ପରାକ୍ରମ, ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ । ଏହା ମୁଁ ନିଶ୍ଚୟ ଜାଣେ ।" (ରୋମୀୟ ୮:୩୧-୩୯) । ପାଉଲ ଆପଣା ବିଷୟରେ କହନ୍ତି,"ମୋହର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସମସ୍ତ କରିପାରେ ।" (ଫିଲିପି ୪:୧୩)

ପ୍ରିୟ ବନ୍ଧୁ, ଆମେ ଯଦି ପ୍ରଭୁଙ୍କ ସହିତ ରହୁ, ସେ ଆମ୍ଭମାନଙ୍କ ସହ ରହିବେ । ସେ ଆମ୍ଭମାନଙ୍କୁ ଆଶୀର୍ବାଦ କରିବେ ଓ ଆମ୍ଭେମାନେ ବହୁଳ ଫଳ ଫଳିପାରିବା । ଏହି ଜଗତରେ ଆତ୍ମା ରକ୍ଷା କରିବା ଠାରୁ ଶ୍ରେଷ୍ଠତର କାମ ଆଉ କିଛି ନାହିଁ । ଆସ ଆମ୍ଭେମାନେ ଏହି ନିର୍ଜୀବ ଜଗତରେ ସଜୀବ ପରମେଶ୍ୱରଙ୍କ ବାର୍ତ୍ତା ବହନ କରି, ଅନନ୍ତଜୀବନର ମାର୍ଗରେ କଢ଼ାଇ ନେବା ।

**- J.C. Choate**

❃ ❃ ❃

# "ଗୋ ନାରୀ ! ତୁମ୍ଭର ବଡ଼ ବିଶ୍ୱାସ..."
## (Oh, Woman ! Great is thy faith...)

ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ କହନ୍ତି,"......ପ୍ରଭୁ ଯାହାର ପ୍ରଶଂସା କରନ୍ତି, ସେ ପରୀକ୍ଷାସିଦ୍ଧ ।" (୨ କରିନ୍ଥୀ ୧୦:୧୮) ପ୍ରତ୍ୟେକ ବ୍ୟକ୍ତି ଅନ୍ୟମାନଙ୍କ ଠାରୁ ପ୍ରଶଂସା ପାଇବା ନିମନ୍ତେ ଆଶା କରନ୍ତି । ସନ୍ତାନ ସନ୍ତତିମାନେ ପିତାମାତାଙ୍କର, ସ୍ତ୍ରୀ ସ୍ୱାମୀର ଓ ସ୍ୱାମୀ ସ୍ତ୍ରୀର, ବୋହୂ ଶାଶୁର, ଦାସ ମାଲିକର ପ୍ରଶଂସା ପାଇବାକୁ ଆଶା କରନ୍ତି । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଏହି ଜଗତରେ ଜୀବନଯାପନ କରିବା ସମୟରେ କେତେକ ସ୍ତ୍ରୀମାନଙ୍କ କାର୍ଯ୍ୟ ପ୍ରଶଂସା କରିଥିଲେ । ଉଦାହରଣ ସ୍ୱରୂପ - ବେଥନୀୟର ମରିୟମ, ଦରିଦ୍ର ବିଧବା, ଶୁନେମୀୟା ସ୍ତ୍ରୀ ପ୍ରଭୃତି । ଏହି ଶୁନେମୀୟା ସ୍ତ୍ରୀର ବିଶ୍ୱାସ, ତାହାଙ୍କ ଦୃଷ୍ଟିରେ ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ଏହି ଘଟଣା ଆମ୍ଭେମାନେ ମାଥିଉ ୧୫:୨୧-୨୮ରେ ପଢ଼ିପାରୁ । ଲେଖାଯାଏ,"ଆଉ ଦେଖ, ସେହି ସୀମାରୁ ଜଣେ କିଣାନୀୟ ସ୍ତ୍ରୀ ଆସି ଉଚ୍ଚସ୍ୱରରେ କହିବାକୁ ଲାଗିଲା, ହେ ପ୍ରଭୁ, ଦାଉଦ ସନ୍ତାନ, ମୋତେ ଦୟା କରନ୍ତୁ, ମୋର ଝିଅଟିକୁ ଅତ୍ୟନ୍ତ ଭାବରେ ଭୂତ ଲାଗିଅଛି । କିନ୍ତୁ ସେ ତାହାଙ୍କୁ ପଦେ ହେଲେ ଉତ୍ତର ଦେଲେ ନାହିଁ । ଆଉ ତାହାଙ୍କ ଶିଷ୍ୟମାନେ ଆସି ତାହାଙ୍କୁ ଅନୁରୋଧ କରି କହିବାକୁ ଲାଗିଲେ, ଏହାକୁ ବିଦାୟ କରନ୍ତୁ, କାରଣ ଏ ଆମ୍ଭମାନଙ୍କ ପଛେ ପଛେ ଚିତ୍କାର କରୁଅଛି । କିନ୍ତୁ ସେ ଉତ୍ତର ଦେଲେ,"ମୁଁ ଇସ୍ରାଏଲ୍ ବଂଶର ହଜିଯାଇଥିବା ମେଷମାନଙ୍କ ବିନା ଆଉ କାହା ନିକଟକୁ ପ୍ରେରିତ ହୋଇନାହିଁ । କିନ୍ତୁ ସେହି ସ୍ତ୍ରୀ ଆସି ତାହାଙ୍କୁ ପ୍ରଣାମ କରି କହିବାକୁ ଲାଗିଲା, ହେ ପ୍ରଭୁ ମୋର ଉପକାର କରନ୍ତୁ । ମାତ୍ର ସେ ଉତ୍ତର ଦେଲେ, ସନ୍ତାନମାନଙ୍କ ଆହାର ନେଇ କୁକୁରମାନଙ୍କ ପାଖରେ ପକାଇବା ଉଚିତ ନୁହେଁ । କିନ୍ତୁ ସେ କହିଲା, ହଁ ପ୍ରଭୁ, କାରଣ କୁକୁରମାନେ ତ ନିଜ ନିଜ ପ୍ରଭୁଙ୍କ ମେଜରୁ ପଡ଼ିବା ଗୁଣ୍ଡିଗୁଣ୍ଡା ଖାଆନ୍ତି । ସେଥିରେ ଯୀଶୁ ତାହାଙ୍କୁ ଉତ୍ତର ଦେଲେ, ଗୋ ନାରୀ, ତୁମ୍ଭର ତ ବଡ଼ ବିଶ୍ୱାସ, ତୁମ୍ଭର ଇଚ୍ଛାନୁସାରେ ତୁମ୍ଭ ପ୍ରତି ଘଟୁ । ସେହି ଦଣ୍ଡରୁ ସେହି କନ୍ୟା ସୁସ୍ଥ ହେଲା ।" (ମାର୍କ ୮:୨୪,୨୬ ପର୍ଯ୍ୟନ୍ତ)

ଯୀଶୁଖ୍ରୀଷ୍ଟ ଶୁନେମୀୟା ସ୍ତ୍ରୀଙ୍କ ବିଶ୍ୱାସ ପ୍ରଶଂସା କରିଥିଲେ । "ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି ଓ ଅଦୃଶ୍ୟ ବିଷୟର ନିଶ୍ଚିତ ଜ୍ଞାନ । ........ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ । କାରଣ ଈଶ୍ୱର ଯେ ଅଛନ୍ତି

ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାର ଦାତା । ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।'' (ଏବ୍ରୀ ୧୧:୧ ଓ ୬ମ ପଦ) । ଯୀଶୁଖ୍ରୀଷ୍ଟ ତାହାଙ୍କ ଝିଅକୁ ସୁସ୍ଥ କରିବାକୁ ସମର୍ଥ ଅଟନ୍ତି ବୋଲି ସେ ବିଶ୍ୱାସ କରିଥିଲେ । ବିଶ୍ୱାସ ଶ୍ରବଣରୁ ଜାତ ହୁଏ । (ରୋମୀୟ ୧୦:୧୭) ଏବଂ ଆମେ ଜାଣୁ ଯେ ଯୀଶୁଙ୍କ ଖ୍ୟାତି ସେ ଅଞ୍ଚଳମାନଙ୍କରେ ବହୁଳଭାବେ ବ୍ୟାପିଥିଲା । ବିଶ୍ୱାସ କରିବା ଲୋକମାନଙ୍କ ନିମନ୍ତେ ସମସ୍ତ ସାଧ୍ୟ । ବିଶ୍ୱାସ ଦ୍ୱାରା ନୋହ, ଆପଣା ପରିବାର ସୁରକ୍ଷା ନିମନ୍ତେ ଜଳପ୍ଳାବନ ସମୟରେ ଜାହାଜ ନିର୍ମାଣ କରିଥିଲେ । ଅବ୍ରାହମ, ଇସ୍‌ହାକ, ଯାକୁବ, ଦାଉଦଙ୍କ ବିଶ୍ୱାସର ବିବରଣ ଧର୍ମଶାସ୍ତ୍ରର ପୃଷ୍ଠାରେ ପଢ଼ିଥାଉ । ସେହିପରି ବାପ୍ତିସ୍ମରେ ବିଶ୍ୱାସ ବିନା କେହି ପରିତ୍ରାଣ ପାଇପାରେ ନାହିଁ । କର୍ମ ବିନା ବିଶ୍ୱାସ ମୃତ । (ଯାକୁବ ୨:୧୪-୧୭)

ଶୁନେମୀୟା ସ୍ତ୍ରୀଙ୍କ ବିଶ୍ୱାସ କାହିଁକି ମହାନ ବୋଲି ପ୍ରଭୁଯୀଶୁ କହିଥିଲେ ? (୧) ସେ ପ୍ରଭୁ ଯୀଶୁଙ୍କୁ ''ସର୍ବଶକ୍ତିମାନ ପ୍ରଭୁ'' ରୂପେ ବିଶ୍ୱାସ କରି ତାହାଙ୍କୁ, ''ହେ ପ୍ରଭୁ'' ବୋଲି ଉଚ୍ଚସ୍ୱରରେ ଡାକିଥିଲେ । ପ୍ରଭୁ ଯୀଶୁ, ସର୍ବବିଶ୍ୱର ପ୍ରଭୁ ଅଟନ୍ତି । ପିତର କହିଲେ,''........ତାହାଙ୍କୁ ଈଶ୍ୱର, ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି......ସେହି ଯୀଶୁଖ୍ରୀଷ୍ଟ ସମସ୍ତଙ୍କର ପ୍ରଭୁ । (ପ୍ରେରିତ ୨:୩୬,୧୦:୩୬), (୨) ସେ ତାହାଙ୍କୁ ଦାଉଦ ସନ୍ତାନରୂପେ ସମ୍ବୋଧନ କରନ୍ତି । ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ୧୦୦୦ ବର୍ଷ ପୂର୍ବେ ଇଶ୍ରାଏଲକୁ ପାଳନ କରିଥିଲେ । ସେ ବିଜାତୀୟ ହେଲେ ସୁଦ୍ଧା ଯୀଶୁଖ୍ରୀଷ୍ଟଙ୍କୁ ଦାଉଦଙ୍କ ସନ୍ତାନରୂପେ ଚିହ୍ନିଥିଲେ, (୩) ସେହି ସ୍ତ୍ରୀ ଯୀଶୁଙ୍କ ନିକଟରେ ଦୟା ଭିକ୍ଷା କରିଥିଲେ । ଆମ୍ଭମାନଙ୍କ ପିତା ପରମେଶ୍ୱର, ଦୟାଳୁ ପରମେଶ୍ୱର ଅଟନ୍ତି । କୃପାବାନ, ଦୟାବାନ, ମଙ୍ଗଳମୟ ପରମେଶ୍ୱର ସମସ୍ତଙ୍କ ଉପକାରୀ । ଏହି ବିଶ୍ୱ ତାହାଙ୍କ ହେତୁ ପରିଚାଳିତ ହୋଇ ଆସୁଅଛି । ଆମ୍ଭମାନଙ୍କ ପ୍ରତ୍ୟେକ ଜୀବନ ତାହାଙ୍କ ଦୟା, ମଙ୍ଗଳରେ ପରିପୂର୍ଣ୍ଣ । ଦାଉଦ କହନ୍ତି,''ସଦାପ୍ରଭୁ ସ୍ନେହଶୀଳ ଓ କୃପାମୟ, କ୍ରୋଧରେ ଧୀର ଓ ଅତ୍ୟନ୍ତ ଦୟାଳୁ.....'' (ଗୀତ ୧୦୩:୮) ''ସଦାପ୍ରଭୁଙ୍କର ଧନ୍ୟବାଦ କାରଣ ସେ ମଙ୍ଗଳମୟ, କାରଣ ତାହାଙ୍କ ଦୟା ଅନନ୍ତ କାଳସ୍ଥାୟୀ.....'' (ଗୀତ ୧୩୬:୧-୨୬) । ଦୟାବାନ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର, ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଦୟାବାନ ବ୍ୟକ୍ତି ଥିଲେ ବୋଲି ନୂତନ ନିୟମର ଅନେକ ଘଟଣାବଳୀ ଦ୍ୱାରା ଜାଣିପାରୁ । ପର୍ବତ ଉପରେ ଉପଦେଶ ଦେଇ ଓହ୍ଲାଇ ଆସିବା ସମୟରେ ଏକ କୁଷ୍ଠରୋଗୀକୁ ଦେଖି ସେ ଦୟାରେ ବିଚଳିତ ହୋଇ ହସ୍ତ ବିସ୍ତାର କରି ତାହାଙ୍କୁ ସ୍ପର୍ଶ

କରି ସୁସ୍ଥ କରିଥିଲେ । (ମାର୍କ ୧:୪୧) । ‘‘.....ବହୁସଂଖ୍ୟକ ଲୋକଙ୍କୁ ଦେଖି ସେମାନଙ୍କ ପ୍ରତି ଦୟାରେ ବିଗଳିତ ହେଲେ, କାରଣ ସେମାନେ ଅରକ୍ଷକ ମେଷ ପରି ଥିଲେ, ପୁଣି ସେ ସେମାନଙ୍କୁ ଅନେକ ବିଷୟ ଶିକ୍ଷା ଦେବାକୁ ଲାଗିଲେ ।’’ (ମାର୍କ ୬:୩୪, ମାଥିଉ ୯:୩୬) ‘‘.....ସେ ନୌକାରୁ ବାହାରି ବହୁସଂଖ୍ୟକ ଲୋକଙ୍କୁ ଦେଖି ସେମାନଙ୍କ ପ୍ରତି ଦୟାରେ ବିଗଳିତ ହେଲେ ଓ ସେମାନଙ୍କର ରୋଗୀମାନଙ୍କୁ ଆରୋଗ୍ୟ କଲେ ।’’ (ମାଥିଉ ୧୪:୧୪) । ତାହାଙ୍କ ଉପଦେଶ ଶୁଣିବାକୁ ଆସିଥିବା ବହୁସଂଖ୍ୟକ ଲୋକମାନଙ୍କ ପ୍ରତି ସେ ଦୟା ବହି, ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ପାଞ୍ଚ ହଜାର ପୁରୁଷ ଓ ଅନେକ ସ୍ତ୍ରୀ, ବାଳକବାଳିକାମାନଙ୍କୁ ଖାଦ୍ୟ ପରିବେଷଣ କରିଥିଲେ । (ମାଥିଉ ୧୫:୩୨) ତାହାଙ୍କୁ ଚିତ୍କାର କରି ଡାକିଥିବା ଯିରୀହୋ ନଗରର ଅନ୍ଧ ବର୍ତୀମୀୟଙ୍କ ଉପରେ ଦୟାରେ ବିଗଳିତ ହୋଇ ସୁସ୍ଥ କରିଥିବାର ବିବରଣ ଆମେ ମାଥିଉ ୨୦:୩୪ ପଦଗୁଡ଼ିକରେ ପଢ଼ିପାରୁ ।

ଶୁନେମୀୟା ସ୍ତ୍ରୀର ଚିତ୍କାର ଶୁଣି, ଯୀଶୁଖ୍ରୀଷ୍ଟ ନିରୁତ୍ତର ହୋଇ ରହିଥିଲେ । କିନ୍ତୁ ସେ ନିରୁତ୍ସାହିତ ନହୋଇ, ତାହାଙ୍କ ନିକଟରେ ପ୍ରାର୍ଥନା କରିବା ନିମନ୍ତେ କ୍ଷାନ୍ତ ହୋଇନଥିଲେ । ସେହି ସ୍ତ୍ରୀ ସଦୃଶ୍ୟ ଆମ୍ଭେମାନେ ପରମେଶ୍ୱରଙ୍କୁ କ୍ଳାନ୍ତ ନହୋଇ ପ୍ରାର୍ଥନା କରୁ । (ଲୁକ ୧୮:୧) ଯୀଶୁ ବେଥସିମନୀ ବଗିଚାରେ ପ୍ରାର୍ଥନା କରିବା ସମୟରେ ଶିଷ୍ୟମାନଙ୍କୁ କହିଲେ,‘‘ପରୀକ୍ଷାରେ ଯେପରି ନ ପଡ଼ ଜାଗି ରହି ପ୍ରାର୍ଥନା କର.......’’ (ମାଥିଉ ୨୬:୪୧) । ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ ଲେଖନ୍ତି,‘‘ନିରନ୍ତର ପ୍ରାର୍ଥନା କର ।’’ (୧ମ ଥେସନୀକୀ ୫:୧୭) । କ୍ଳାନ୍ତ ନହୋଇ ନିରନ୍ତର ତାହାଙ୍କ ନିକଟରେ ନିବିଷ୍ଟ ଚିତ୍ତରେ ପ୍ରାର୍ଥନା କରୁ !

ଶୁନେମୀୟା ସ୍ତ୍ରୀକୁ ଯୀଶୁ ଉତ୍ତର ଦେଲେ,‘‘ମୁଁ ଈଶ୍ରାଏଲ ବଂଶର ହଜିଯାଇଥିବା ମେଷମାନଙ୍କ ବିନା ଆଉ କାହା ନିକଟକୁ ପ୍ରେରିତ ହୋଇନାହିଁ.....ସନ୍ତାନମାନଙ୍କ ଆହାର ନେଇ କୁକୁରମାନଙ୍କ ପାଖରେ ପକାଇବା ଉଚିତ ନୁହେଁ, କିନ୍ତୁ ସେ କହିଲା, ହଁ, ପ୍ରଭୁ କାରଣ କୁକୁରମାନେ ତ ନିଜ ନିଜ ପ୍ରଭୁଙ୍କ ମେଜରୁ ପଡ଼ିବା ଗୁଣ୍ଡିଗୁଣ୍ଡା ଖାଆନ୍ତି ।’’ (ମାଥିଉ ୧୫:୨୪-୨୮) ଶୁନେମୀୟା ସ୍ତ୍ରୀ, ଦାଉଦ ସନ୍ତାନ, ଦୟାମୟ ଯୀଶୁଙ୍କ ସମ୍ମୁଖରେ ଆପଣାକୁ ନତ କରିଥିଲେ । ଆତ୍ମାର ଦୀନହୀନମାନଙ୍କୁ ପରମେଶ୍ୱର ପ୍ରେମ କରନ୍ତି । ଯେଉଁମାନେ ଆପଣାକୁ ନତ କରନ୍ତି, ସେମାନଙ୍କୁ ପରମେଶ୍ୱର ଉନ୍ନତ କରନ୍ତି (ମାଥିଉ ୨୩:୧୦-୧୨)

ପ୍ରକୃତରେ ବିଜାତୀୟ ଶୁନେମୀୟା ସ୍ତ୍ରୀର କେତେ ବିଶ୍ୱାସ ! ତାହାଙ୍କ ସଦୃଶ୍ୟ ଆମ୍ଭେମାନେ ପ୍ରଭୁଯୀଶୁଙ୍କ ଦ୍ୱାରା 'ଗୋ ନାରୀ, (ହେ ମନୁଷ୍ୟ) ତୁମ୍ଭର ବଡ଼ ବିଶ୍ୱାସ !'' ବୋଲି କହିବା ନିମନ୍ତେ ଆମ୍ଭମାନଙ୍କ ତାହାଙ୍କ ନିକଟକୁ ଯାଇ ଆପଣା ଆପଣାକୁ ନତ କରୁ । ତାହାଙ୍କ ଠାରେ ନିରନ୍ତର ପ୍ରାର୍ଥନା କରୁ ।

**- Kabita Gootam**

❋❋❋

# ଆମ୍ଭମାନଙ୍କ ସାନ୍ତ୍ୱନାକାରୀ ସଦାପ୍ରଭୁ
## (Our God of Comfort)

ଆମ୍ଭମାନଙ୍କୁ ସଦାପ୍ରଭୁଙ୍କ ବିଷୟରେ ଜଣାଇବାକୁ ଯୀଶୁଖ୍ରୀଷ୍ଟ ଏହି ଜଗତକୁ ଆସିଥିଲେ । ସଦାପ୍ରଭୁଙ୍କୁ କେହି କେବେ ଦେଖିନାହାନ୍ତି । ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ପ୍ରଭୁ ଆମ୍ଭମାନଙ୍କୁ ତାହାଙ୍କ ବିଷୟ ଜଣାଇ ଅଛନ୍ତି । ଆମ୍ଭମାନଙ୍କ ସାହାଯ୍ୟକାରୀ ପରମେଶ୍ୱରଙ୍କ ବିଷୟ ଜ୍ଞାତ ହେବା ଅତ୍ୟାବଶ୍ୟକ । ସଦାପ୍ରଭୁଙ୍କ ବିଷୟକ ଅସମ୍ପୂର୍ଣ୍ଣ ଜ୍ଞାନ ଅନେକ ସନ୍ଦେହ ସୃଷ୍ଟି କରିଥାଏ । ପରମେଶ୍ୱରଙ୍କ ବିଷୟରେ କେତୋଟି ମତ :-

- ଅନେକ ଆପଣା ଆପଣା ବିବେକକୁ ପରମେଶ୍ୱର ମଣନ୍ତି । ମନୁଷ୍ୟ ହୃଦୟର ବିବେକ ମନୁଷ୍ୟକୁ ଦୋଷୀ ବା ନିର୍ଦ୍ଦୋଶୀ ସାବ୍ୟସ୍ତ କରେ ବୋଲି ମନେ କରନ୍ତି ।
- ଅନେକ ଲୋକେ ପରମେଶ୍ୱରଙ୍କୁ ଏକ ଆଶା ପୂରଣକାରୀ Santa Claus ମନେ କରନ୍ତି ।
- ଆହୁରି ଅନେକଙ୍କ ମତରେ ପରମେଶ୍ୱର ଏକ କଠୋର ପୋଲିସ ଅଧିକାରୀ, ଯେ କି ଆଜ୍ଞା ଲଂଘନକାରୀମାନଙ୍କୁ ଶାସ୍ତି ଦିଅନ୍ତି ।

### ଆପଣ ପରମେଶ୍ୱରଙ୍କୁ କଅଣ ମନେ କରନ୍ତି ?

**ପରମେଶ୍ୱର ଆମ୍ଭମାନଙ୍କ ବନ୍ଧୁ :** ଆମ୍ଭମାନଙ୍କ ପରମେଶ୍ୱର ଆମ୍ଭମାନଙ୍କ ଘନିଷ୍ଠ ବନ୍ଧୁ, ଯେ କି ଭାଇ ଠାରୁ ଶ୍ରେଷ୍ଠତର । ଆମ୍ଭମାନଙ୍କ ବନ୍ଧୁ କେବେ ବି ଆମ୍ଭମାନଙ୍କୁ ପରିତ୍ୟାଗ କରନ୍ତି ନାହିଁ । ସେ ଆମ୍ଭମାନଙ୍କ ସମସ୍ତ କଷ୍ଟ ଦୁଃଖ ସୁଖ ଜ୍ଞାତ ଅଟନ୍ତି ।

ଆମ୍ଭେମାନେ  ସମ୍ମୁଖୀନ ହେଉଥିବା ସମସ୍ୟାରୁ କୌଣସି ଗୋଟିଏ ମଧ୍ୟ ସେ ଅଜ୍ଞାତ ନୁହନ୍ତି । ଆମ୍ଭମାନଙ୍କ ଜୀବନ ଯେତେ ଅନ୍ଧକାରମୟ ହେଲେ ସୁଦ୍ଧା, ଯେତେ କଠିନ ହେଲେ ସୁଦ୍ଧା, ଆମ୍ଭମାନଙ୍କ ପରମେଶ୍ୱର ଆମ୍ଭମାନଙ୍କ ନିକଟବର୍ତ୍ତୀ ଅଟନ୍ତି । ସେ ଆମ୍ଭମାନଙ୍କ କାର୍ଯ୍ୟରେ ସହବର୍ତ୍ତୀ ଅଟନ୍ତି, ଆମ୍ଭମାନଙ୍କ ସହିତ ଗମନାଗମନ କରିବାରେ ଇଚ୍ଛା ପ୍ରକାଶ କରନ୍ତି । ''ମୁଁ ଓ ମୋର ପରମେଶ୍ୱର ମିଳିତଭାବେ ସମସ୍ତ ସମସ୍ୟାର ବିଜୟୀ ହୋଇପାରୁ ।''

**ସଦାପ୍ରଭୁ ମୋହର ପ୍ରତିପାଳକ :** ମହାରାଜ ଦାଉଦ, ସଦାପ୍ରଭୁଙ୍କୁ ଆପଣା ପଥପ୍ରଦର୍ଶକ, ଚାଳକ ଓ ସାହାଯ୍ୟକାରୀ ରୂପେ ମାନ୍ୟ କରୁଥିଲେ, ସେ ଆମ୍ଭମାନଙ୍କ ରକ୍ଷାକର୍ତ୍ତୀ, ପାଳନକର୍ତ୍ତା ପରମେଶ୍ୱର ଅଟନ୍ତି । ସେ ଆମ୍ଭମାନଙ୍କ ଆନ୍ତରିକ ପୁରୁଷର ବୃଦ୍ଧିରେ ସାହାଯ୍ୟ କରନ୍ତି । ଯେଉଁ ରାସ୍ତା ଆମ୍ଭମାନଙ୍କ ନିମନ୍ତେ ସଠିକ୍ ଓ ତାହାଙ୍କ ନିମନ୍ତେ ଗୌରବମୟ ସେ ରାସ୍ତାରେ ଆମ୍ଭମାନଙ୍କୁ କଢ଼ାଇ ନିଅନ୍ତି । ମୃତ୍ୟୁର ଉପତ୍ୟକାରେ ସେ ଆମ୍ଭମାନଙ୍କୁ ସହବର୍ତ୍ତୀ ଅଟନ୍ତି । ସେ ଆମ୍ଭମାନଙ୍କ ସାହାଯ୍ୟକାରୀ, ସାନ୍ତ୍ୱନାଦାତା । ସେ ଆମ୍ଭମାନଙ୍କୁ ଇହଲୋକରେ ଓ ପରଲୋକରେ ଆଶୀର୍ବାଦ କରିବା ପରମେଶ୍ୱର ଅଟନ୍ତି । ପରମେଶ୍ୱର ଆମ୍ଭମାନଙ୍କ ପ୍ରତିପାଳକ, କୌଣସି ଉତ୍ତମ ବିଷୟ ଆମ୍ଭମାନଙ୍କ ଠାରୁ ଅଟକାଇବେ ନାହିଁ । ସମସ୍ତ ଉତ୍ତମ ଓ ଶ୍ରେଷ୍ଠ ଦାନ ଆମ୍ଭମାନଙ୍କ ପିତା ପରମେଶ୍ୱରଙ୍କ ଠାରୁ ଦତ୍ତ ଅଟେ ।

**ସଦାପ୍ରଭୁ ମୋହର ପିତା :** ସର୍ବବିଶ୍ୱର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା, ରକ୍ଷାକର୍ତ୍ତା ଆମ୍ଭମାନଙ୍କ ପିତା ଅଟନ୍ତି, ଏହା ଅନୁଭବ କରିବା କେତେ ସାନ୍ତ୍ୱନାର ବିଷୟ !! ସେ ଆମ୍ଭମାନଙ୍କ ଆବଶ୍ୟକତା ଜ୍ଞାତ ଅଟନ୍ତି । ଆମ୍ଭମାନଙ୍କ ପ୍ରାର୍ଥନା ଶ୍ରବଣ କରନ୍ତି । ଆମ୍ଭମାନଙ୍କ ପ୍ରୟୋଜନୀୟ ବିଷୟ ସବୁ ସେ ଆମ୍ଭମାନଙ୍କୁ ପ୍ରଦାନ କରନ୍ତି । ''ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କୁ କହୁଅଛି, କଅଣ ଖାଇବ ବା କଅଣ ପିଇବ, ଏପରି ଭାବି ତୁମ୍ଭମାନଙ୍କ ଜୀବନ ନିମନ୍ତେ, କିଅବା କଅଣ ପିନ୍ଧିବେ, ଏପରି ଭାବି ତୁମ୍ଭମାନଙ୍କ ଶରୀର ନିମନ୍ତେ ମଧ୍ୟ ଚିନ୍ତା କର ନାହିଁ । ଭକ୍ଷ୍ୟ ଅପେକ୍ଷା ଜୀବନ ଓ ବସ୍ତ୍ର ଅପେକ୍ଷା ଶରୀର କି ଶ୍ରେଷ୍ଠ ନୁହେଁ । ଆକାଶର ପକ୍ଷୀଟି ଦେଖ, ସେମାନେ ବୁଣନ୍ତି ନାହିଁ. କାଟନ୍ତି ନାହିଁ, କିଅବା ଅମାରରେ ସଞ୍ଚୟ କରନ୍ତି ନାହିଁ, ଆଉ, ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ସେମାନଙ୍କୁ ଆହାର ଦିଅନ୍ତି, ତୁମ୍ଭେମାନେ ସେମାନଙ୍କ ଠାରୁ କି ଶ୍ରେଷ୍ଠ ନୁହଁ ? ପୁଣି ତୁମ୍ଭମାନଙ୍କ ମଧ୍ୟରେ କିଏ ଚିନ୍ତା କରି ଆୟୁ ଦଣ୍ଡେ ବୃଦ୍ଧି କରିପାରେ ? (ମା ୬:୨୫-୨୭) ।

**ପରମେଶ୍ୱର ଆମ୍ଭମାନଙ୍କ ତ୍ରାଣକର୍ତ୍ତା :** ଆମ୍ଭମାନଙ୍କ ମଧ୍ୟରୁ ଅନେକେ ପରମେଶ୍ୱରଙ୍କୁ ଆଜିର ଜୀବିତ ପରମେଶ୍ୱର ବୋଲି ପରିଗଣିତ ନ କରି, ଇତିହାସର ବ୍ୟକ୍ତିରୂପେ ପରିଗଣିତ କରୁ । ସୃଷ୍ଟି ସମୟରେ, ଜଳପ୍ଳାବନ ସମୟରେ, ରକ୍ତ ସମୁଦ୍ରର ବିଭାଗ ସମୟର, ସିନୟ ପର୍ବତ ଉପରେ ଦଶ ଆଜ୍ଞା ପ୍ରଦାନ କରିଥିବା ସମୟର ପରମେଶ୍ୱରଙ୍କ ଠାରେ ଆମ୍ଭେ ବିଶ୍ୱାସ କରୁ, ତଥାପି ଆମ୍ଭମାନଙ୍କ ଆପଣା ବ୍ୟକ୍ତିଗତ ପରମେଶ୍ୱର ବୋଲି ଗ୍ରହଣ କରିବାରେ ଅସଫଳ ହୋଇଥାଉ । ଯୀଶୁ କେବଳ ଏକ ଉତ୍ତମ ଓ ବଳବାନ ବ୍ୟକ୍ତି ନଥିଲେ, ବରଂ ଆମ୍ଭମାନଙ୍କୁ ରକ୍ଷା କରିବା ନିମନ୍ତେ ସ୍ୱର୍ଗରୁ ଆଣିଥିବା ଶରୀରଧାରୀ ପରମେଶ୍ୱର ଅଟନ୍ତି । "ଆଦ୍ୟରେ ବାକ୍ୟ ଥିଲେ ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱର ଈଶ୍ୱରଙ୍କ ସହିତ ଥିଲେ । ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହେଲା, ଆଉ ଯେ ସମସ୍ତ ସୃଷ୍ଟି ହୋଇଅଛି, ସେଥି ମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟି ହୋଇନାହିଁ । ......ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ । .......ତାହାଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁର କ୍ଷମା ପ୍ରାପ୍ତ ହୋଇଅଛୁ ।" (ଯୋହନ ୧:୧-୩, ଏଫିସୀ ୧:୭,୮)

ଆପଣ ପରମେଶ୍ୱରଙ୍କୁ କିପରି ଭାବେ ଜାଣନ୍ତି ? ସେ କି ଆପଣଙ୍କର ସାନ୍ତ୍ୱନାକାରୀ ପରମେଶ୍ୱର ଅଟନ୍ତି ? ଆପଣା ପିତାଙ୍କ ନିକଟରେ ଲବ୍ଧ ହେଉଥିବା ଆଶୀଷ ସକଳ କି ଆପଣ ପ୍ରାପ୍ତ ହେଉଅଛ ? "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।" (ଯୋହନ ୩:୧୬) । ଏହି ବାକ୍ୟ ଆଜି ବି ସତ୍ୟ ଓ ଜୀବିତ ଅଟେ । ଏହା କି ଆପଣ ବିଶ୍ୱାସ କରୁଅଛନ୍ତି !

**- Randall Caselman**

❋❋❋

# ନୋହ
## (Noah)

ନୋହ, ଆଦିପୁସ୍ତକର ବିବରଣର ଏକ ପ୍ରଧାନ ବ୍ୟକ୍ତି । ତାହାଙ୍କ ବିଶ୍ୱାସ ଓ କର୍ମ ସଦାପ୍ରଭୁଙ୍କ ଠାରେ ତାହାଙ୍କ ଭକ୍ତି ପ୍ରକଟ କରେ । ଯଦିଓ ସେ ଏକ ଅଧାର୍ମିକ ଜଗତରେ ବାସ କରିଥିଲେ ତାହାଙ୍କ ବିଶ୍ୱାସ ଅତୁଟ ଥିଲା । ଅଧାର୍ମିକତା ଏତେ ପ୍ରବଳଭାବେ ବୃଦ୍ଧି ପାଇଥିଲା ଯେ, ବାକ୍ୟ କହେ,"ଅନନ୍ତର ସଦାପ୍ରଭୁ ଦେଖିଲେ ଯେ, ପୃଥିବୀରେ ମନୁଷ୍ୟର ଦୁଷ୍ଟତା ଅତି ବଡ଼, ଆଉ ତାହାର ଅନ୍ତଃକରଣର ଭାବନା ପ୍ରତ୍ୟେକ କଳ୍ପନା ଅବିରତ ମନ୍ଦ ପାତ୍ର ।" (ଆଦି ୬:୫)

ଆପଣା ପରିବାର ବିନୁ ସମାଜର ଅନ୍ୟ କେହି ତାହାଙ୍କ ସହ ସହମତ ନଥିବାରୁ, ସେ ପରମେଶ୍ୱରଙ୍କ ଅନୁକରଣ କରୁଥିଲେ । ଅଧାର୍ମିକ ଜଗତକୁ ବିନାଶ କରି, ସମାଜକୁ ଧୌତ କରିବା ପରମେଶ୍ୱରଙ୍କ ଯୋଜନା ଥିଲା । ଏଠାରେ ନୋହଙ୍କ ବିଶ୍ୱାସ, କର୍ମ ଦ୍ୱାରା ପ୍ରସ୍ଫୁଟିତ ହୋଇଥିଲା । ଆସନ୍ତା ମହାବନ୍ୟାରୁ ଆପଣା ପରିବାରକୁ ରକ୍ଷା କରିବା ନିମନ୍ତେ ସଦାପ୍ରଭୁ ତାହାଙ୍କୁ ଯେ ପ୍ରକାର ଜାହାଜ ନିର୍ମାଣ କରିବାକୁ ଆଜ୍ଞା ଦେଲେ, ସେ ଠିକ୍ ସେହି ନମୂନା ପ୍ରକାରେ ଜାହାଜ ନିର୍ମାଣ କରିଥିଲେ ।

ନୋହଙ୍କ ସମୟର ଘଟଣା, ସଦାପ୍ରଭୁଙ୍କ ପରିତ୍ରାଣର ଯୋଜନା ଓ ଶେଷ ବିଚାରର ସାଦୃଶ୍ୟ ଅଟେ । ଏହା କେବଳ ଏକ ଦୈବିକ ଶାସ୍ତି ନୁହେଁ, କିନ୍ତୁ ଆଜ୍ଞାବହମାନଙ୍କ ନିମନ୍ତେ ପରିତ୍ରାଣ ମାର୍ଗର ଦୃଷ୍ଟାନ୍ତ ସ୍ୱରୂପ ଅଟେ । ନୋହଙ୍କ ସମୟରେ ଅଧାର୍ମିକ ଜନସମୂହ ଯେପରି ଜଳପ୍ଲାବନ ଦ୍ୱାରା ବିନଷ୍ଟ ହୋଇଥିଲେ, ସେହିପରି ପ୍ରତ୍ୟେକ ଯୁଗର ଅନାଜ୍ଞାବହର ସନ୍ତାନମାନେ ବିନଷ୍ଟ ହୁଅନ୍ତି । ଧାର୍ମିକ ନୋହ ଯେପରି ଆଜ୍ଞାବହତା ଦ୍ୱାରା ଆପଣା ପରିବାରକୁ ରକ୍ଷା କରିଥିଲେ, ଆଜ୍ଞାବହତା ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ଆପଣାକୁ ନରକ ଯନ୍ତ୍ରଣାରୁ ରକ୍ଷା କରିପାରେ । ଆଦମ ଓ ହବାଙ୍କୁ ସଦାପ୍ରଭୁ ଏଦନ ଉଦ୍ୟାନର ସଦସଦ୍ ଜ୍ଞାନଦାୟକ ବୃକ୍ଷର ଫଳ ନ ଖାଇବାକୁ ଆଜ୍ଞା ଦେଇଥିଲେ । କିନ୍ତୁ ସେମାନେ ଆଜ୍ଞା ଅମାନ୍ୟ କରିଥିବାରୁ ଦଣ୍ଡିତ ହୋଇଥିଲେ । କାଳକ୍ରମେ ମନୁଷ୍ୟ ଜାତି ଏତେ ଦୁଷ୍ଟତାରେ ଭରିଗଲା ଯେ, ମନୁଷ୍ୟ ସମାଜକୁ ଲୋପ କରିବା ନିମନ୍ତେ ସଦାପ୍ରଭୁ ସଂକଳ୍ପ କରିଥିଲେ । କିନ୍ତୁ ତାହାଙ୍କ ଆଜ୍ଞାବହମାନଙ୍କୁ ସେ ରକ୍ଷା କରିଥିଲେ । ଏତେ ଜନସମୂହ ମଧ୍ୟରୁ କେତେଜଣ ପରମେଶ୍ୱରଙ୍କ ଆଜ୍ଞାବହ ଥିଲେ ? କେବଳ ଆଠଜଣ ମାତ୍ର !

ନୋହ ଏକ ଧାର୍ମିକ ଓ ବିଶ୍ୱାସର ଯୋଦ୍ଧା । ସେ ୧୨୦ ବର୍ଷ ଧରି ଜା[illegible] ନିର୍ମାଣ କରିବା ସମୟରେ ଲୋକେ ତାହାଙ୍କୁ ଉପହାସ କରିଥିଲେ । ଧର୍ମ ପ୍ର[illegible]କ

ନୋହ ଆଗାମୀ ବିନାଶ ବିଷୟରେ ବିଶ୍ୱାସ ସହ ସେମାନଙ୍କୁ ପ୍ରଚାର କରିଥିଲେ । (୨ ପିତର ୨:୫) ନୋହଙ୍କ ଜୀବନର ବିଶେଷତା କଅଣ ? ତାହାଙ୍କ ବିଶ୍ୱାସ ! ଦୁଷ୍ଟ ଜଗତରେ ସେ ଏକାକୀ ପରମେଶ୍ୱରଙ୍କ ସହିତ ଗମନାଗମନ କରୁଥିଲେ । ପରମେଶ୍ୱରଙ୍କ ଆଜ୍ଞାପାଳନ କରି ଈଶ୍ୱରଙ୍କ ପ୍ରତି ତାହାଙ୍କ ବିଶ୍ୱାସ ପ୍ରକଟ କରିଥିଲେ । ଆପଣା ଜୀବନରେ କେବେ ବି ବର୍ଷା ବା ବନ୍ୟା ନ ଦେଖିବା ବ୍ୟକ୍ତି ନିମନ୍ତେ ଏତେବଡ଼ ଜାହାଜ ନିର୍ମାଣ କରିବା କି ସହଜ ବିଷୟ ଥିଲା ? ମହାବନ୍ୟା ଦ୍ୱାରା ସମସ୍ତ ପ୍ରାଣୀଙ୍କୁ ବିନାଶ କରିବେ ବୋଲି ସଦାପ୍ରଭୁଙ୍କ ଭାବବାଣୀରେ ବିଶ୍ୱାସ କରିବା ବି ସହଜ ବିଷୟ ନଥିଲା । କିନ୍ତୁ ବିଶ୍ୱାସର ଯୋଦ୍ଧା ନୋହଙ୍କୁ ତାହା ବଡ଼ ସମସ୍ୟାର ବିଷୟ ନଥିଲା । ନୋହଙ୍କ ଜୀବନରୁ ଆମେ ଅନେକ ବିଷୟ ଶିକ୍ଷା କରିପାରୁ । ନୋହଙ୍କ ସମୟର ସମତୁଲ୍ୟ ବର୍ତ୍ତମାନ ଜଗତରେ ଖ୍ରୀଷ୍ଟିୟାନମାନେ ଅନେକ ପରିବର୍ତ୍ତନ ଆଣିପାରିବେ ।

"ପୁଣି, ସେହି ମେଘରୁ ଏହି ବାଣୀ ହେଲା, ଏ ଆମ୍ଭର ପୁତ୍ର, ଆମ୍ଭର ମନୋନୀତ, ଏହାଙ୍କ ବାକ୍ୟ ଶ୍ରବଣ କର ।" (ଲୂକ ୯:୩୫) । "ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାର ଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ । ବିଶ୍ୱାସ ଦ୍ୱାରା ନୋହ ସେ ସମୟ ପର୍ଯ୍ୟନ୍ତ ଅପ୍ରକାଶିତ ବିଷୟ ସମ୍ବନ୍ଧରେ ପ୍ରତ୍ୟାଦେଶ ପାଇ ଭକ୍ତି ସହକାରେ ଆପଣା ପରିବାରର ରକ୍ଷା ନିମନ୍ତେ ଗୋଟିଏ ଜାହାଜ ନିର୍ମାଣ କଲେ, ପୁଣି ସେହି ବିଶ୍ୱାସ ଦ୍ୱାରା ସେ ଜଗତକୁ ଦୋଷୀ କରି ବିଶ୍ୱାସନୁଯାୟୀ ଧାର୍ମିକତ୍ୱାଙ୍କର ଅଧିକାରୀ ହେଲେ ।" (ଏବ୍ରୀ ୧୧:୬-୭)

"ଆଉ, ନୋହଙ୍କ ସମୟରେ ଯେ ପ୍ରକାର ଘଟିଥିଲା, ମନୁଷ୍ୟ ପୁତ୍ରଙ୍କ ସମୟରେ ମଧ୍ୟ ସେହି ପ୍ରକାରେ ଘଟିବ, ଜାହାଜରେ ନୋହଙ୍କ ପ୍ରବେଶ କରିବା ଦିନ ପର୍ଯ୍ୟନ୍ତ ଲୋକେ ଭୋଜନପାନ ଏବଂ ବିବାହ କରିବା ଓ ବିବାହ ଦେବାରେ ପ୍ରବୃତ୍ତ ଥିଲେ, ପୁଣି ଜଳପ୍ଲାବନ ସମସ୍ତଙ୍କୁ ବିନାଶ କଲା ।" (ଲୂକ ୧୭:୨୬-୨୭) ଆଜିର ଜଗତ ସୁଦ୍ଧା ନୋହଙ୍କ ସମୟର ମନୁଷ୍ୟ ସମାଜ ସଦୃଶ୍ୟ ଆପଣା ଆପଣା କାର୍ଯ୍ୟରେ ପ୍ରବୃତ୍ତ ହୋଇ ରହିଅଛନ୍ତି । ମନ ପରିବର୍ତ୍ତନ କରି ପ୍ରଭୁଙ୍କ ନିକଟକୁ ନ ଫେରି, ସେମାନଙ୍କ ସଦୃଶ୍ୟ ବର୍ତ୍ତମାନ ଯୁଗର ମନୁଷ୍ୟ ସମାଜ ମଧ୍ୟ ବିନଷ୍ଟ ହେବ । ଆସ, ଆମ୍ଭେମାନେ ବିଶ୍ୱାସ ଯୋଦ୍ଧା ନୋହଙ୍କ ସଦୃଶ୍ୟ ସଦାପ୍ରଭୁଙ୍କ ଆଜ୍ଞାପାଳନ କରି, ତାହାଙ୍କ ରାଜ୍ୟ ରେ ସୁରକ୍ଷିତ ହୋଇ ରହିବା ।

**- Hans. J. Dederscheck**

❋❋❋

# ନମ୍ର ଓ କୋମଳ ଯୀଶୁ
## (Jesus, meek and gentle)

ଯୀଶୁଖ୍ରୀଷ୍ଟ ନମ୍ରଚିତ୍ତ ଓ କୋମଳ ମନର ବ୍ୟକ୍ତି ଥିଲେ । "......ତୁମ୍ଭମାନଙ୍କ ମଧ୍ୟରେ ଯେ ନିଷ୍ପାପ, ସେ ପ୍ରଥମରେ ତାକୁ ପଥର ମାରୁ ।"(ଯୋହନ ୮:୭) ବୋଲି ବ୍ୟଭିଚାର କର୍ମରେ ଧୃତ ସ୍ତ୍ରୀଙ୍କ ବିଷୟରେ ଉପସ୍ଥିତ ଜନତାକୁ କହିଥିଲେ । ଆପଣା ଶତ୍ରୁ ଓ ତାଡ଼ନାକାରୀମାନଙ୍କ ନିମନ୍ତେ ସେ ପ୍ରାର୍ଥନା କରିବା ନିମନ୍ତେ ଆମ୍ଭମାନଙ୍କୁ ଆଜ୍ଞା ଦେଇଅଛନ୍ତି । "ନମ୍ର ଲୋକେ ଧନ୍ୟ, କାରଣ ସେମାନେ ଦୟାପ୍ରାପ୍ତ ହେବେ ।" (ମାଥିଉ ୫:୫) ବୋଲି ସେ ପର୍ବତ ଉପଦେଶରେ କହିଅଛନ୍ତି । ତାହାଙ୍କୁ କ୍ରୁଶରେ ହତ କରୁଥିବା ଲୋକମାନଙ୍କ ନିମନ୍ତେ ସେ ପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କରି କହିଲେ,"ପିତା, ଏମାନେ କଅଣ କରୁଅଛନ୍ତି ଜାଣନ୍ତି ନାହିଁ, ଏମାନଙ୍କୁ କ୍ଷମା କର ।" ଯୀଶୁଖ୍ରୀଷ୍ଟ ଏକ ନମ୍ରଶୀଳ ବ୍ୟକ୍ତି ବୋଲି, ଯିଶାଇୟ ଭାବବାଦୀ ଅନେକ ବର୍ଷ ପୂର୍ବେ ବ୍ୟକ୍ତ କରିଥିଲେ । "ନ୍ୟାୟକୁ ଜୟଯୁକ୍ତ ନ କରିବା ପର୍ଯ୍ୟନ୍ତ ସେ ଛେଚା ନଳ ଭାଙ୍ଗିବେ ନାହିଁ, ପୁଣି ସଧୂମ ସଳିତା ଲିଭାଇବେ ନାହିଁ ।" (ମାଥିଉ ୧୨:୨୦)

ଏତସଙ୍ଗେ ଯୀଶୁ ସେଦିନର ନେତାମାନଙ୍କୁ କହିଲେ,"......ହାୟ, ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୁଶୀମାନେ....." (ମାଥିଉ ୨୩:୧୩) । ସେମାନଙ୍କୁ ମୂଢ଼, ଅନ୍ଧ, ବିଷସର୍ପ ସହିତ ସମାନ କରି କହନ୍ତି, "ଆରେ ସର୍ପଗୁଡ଼ାକ, ଆରେ କାଳସର୍ପର ବଂଶ, ତୁମ୍ଭେମାନେ କି ପ୍ରକାର ନରକ ଦଣ୍ଡରୁ ରକ୍ଷା ପାଇବ ? (ମାଥିଉ ୨୩:୩୩) । ଥରେ ପ୍ରେରିତ ପିତରଙ୍କୁ ଅନୁଯୋଗ କରି କହିଲେ,"......ମୋ ଆଗରୁ ଦୂର ହୁଅ, ଶୟତାନ, ତୁମ୍ଭେ ମୋର ବିଘ୍ନସ୍ୱରୂପ, କାରଣ ତୁମ୍ଭେ ମୋର ବିଘ୍ନସ୍ୱରୂପ, କାରଣ ତୁମ୍ଭେ ଈଶ୍ୱରଙ୍କ ବିଷୟ ନ ଭାବି ମନୁଷ୍ୟର ବିଷୟ ଭାବୁଅଛ ।" (ମାଥିଉ ୧୬:୨୩) ଯୀଶୁଙ୍କର କଠିନ ଶିକ୍ଷା ଶୁଣି ଅନେକ ଶିଷ୍ୟ ତାହାଙ୍କ ଠାରୁ ବିମୁଖ ହୋଇ ଚାଲିଗଲେ । ସେଥିରେ ଯୀଶୁ ପ୍ରେରିତଗଣଙ୍କୁ କହିଲେ,".....ତୁମ୍ଭେମାନେ ମଧ୍ୟ କଅଣ ଚାଲିଯିବାକୁ ଇଚ୍ଛା କରୁଅଛ ?" (ଯୋହନ ୬:୬୭)

ଯଦିଓ ଯୀଶୁ ନମ୍ର ଓ କୋମଳ ଚିତ୍ତ ଥିଲେ, ସେ ଭୀରୁ ନଥିଲେ । ସତ୍ୟ ବେଳେବେଳେ କଠିନ ଲାଗେ, ସମୀକ୍ଷା କରେ, କିନ୍ତୁ ସତ୍ୟ ହିଁ ଆମ୍ଭମାନଙ୍କୁ ପରିତ୍ରାଣ ଦେଇପାରେ । ନମ୍ର ଓ କୋମଳ ଚିତ୍ତ ଯୀଶୁ ଆବଶ୍ୟକସ୍ଥଳେ କଠୋର ଭାବେ ସତ୍ୟ

ପ୍ରକଟ କରିଥିଲେ । ନମ୍ର ଓ କୋମଳ ଚିତ୍ତ ଯୀଶୁଙ୍କ ସାହାଯ୍ୟରେ ଆସ ଆମ୍ଭେମାନେ ସତ୍ୟ ପ୍ରକଟ କରିବା । - Rick Cunningham

❋❋❋

# ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ
## (Separated from God !)

"ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ କରି ନପାରେ, କିଅବା ତାହାଙ୍କ କର୍ଣ୍ଣ ଭାରୀ ହୋଇ ନାହିଁ ଯେ, ତାହା ଶୁଣି ନପାରେ ; ମାତ୍ର ତୁମ୍ଭମାନଙ୍କର ଅପରାଧସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ ।" (ଯିଶାଇୟ ୫୯:୧,୨)

ବନ୍ଦୀତ୍ୱରୁ ମୁକ୍ତ ଇଶ୍ରାଏଲ୍ ସନ୍ତାନମାନଙ୍କ ସମସ୍ୟା ଶେଷ ହୋଇନଥିଲା କାରଣ ? ସେମାନେ କାହିଁକି ସାହାଯ୍ୟହୀନ ହୋଇଥିଲେ ?

**୧. ପରମେଶ୍ୱର ଅସମର୍ଥ ନୁହନ୍ତି :-** ଅନେକେ ଆପଣା ଆପଣା ସମସ୍ୟା ନିମନ୍ତେ ପରମେଶ୍ୱରଙ୍କୁ ନିନ୍ଦା କରନ୍ତି । ପରମେଶ୍ୱରଙ୍କ ହାତ କି ଛୋଟ ହୋଇଅଛି ଯେ, ତାହା ପରିତ୍ରାଣ କରି ନପାରେ ? ତାହାଙ୍କ କର୍ଣ୍ଣ କି ବଧିର ହୋଇଅଛି ? ସେ କି ଆମ୍ଭମାନଙ୍କ ପ୍ରାର୍ଥନା ଆଉ ଶୁଣନ୍ତି ନାହିଁ ? ପରମେଶ୍ୱର କାହାନ୍ତି ? ସେ ଆମ୍ଭମାନଙ୍କ ଠାରୁ କାହିଁକି ଦୂରରେ ଅଛନ୍ତି ? ଯଦି ପରମେଶ୍ୱର ଆମ୍ଭମାନଙ୍କ ଠାରୁ ଦୂରରେ ଅଛନ୍ତି, ତେବେ ଆମ ନିକଟରେ କିଏ ଅଛି ?

**୨. ସମସ୍ୟା ? ପାପ ଯୋଗୁଁ :-** ଇଶ୍ରାଏଲୀୟମାନଙ୍କ ଜୀବନରେ ପ୍ରବେଶ କରିଥିଲା । ସେମାନଙ୍କ ଜୀବନ ବ୍ୟବସ୍ଥାହୀନ ହୋଇ ପଡ଼ିଥିଲା । ସେମାନେ ପରମେଶ୍ୱରଙ୍କ ଆଜ୍ଞା ଲଂଘନ କରିଥିଲେ । ସେମାନଙ୍କ ହସ୍ତ ରକ୍ତପାତରେ ରଙ୍ଗୀନ ହୋଇଥିଲା । ସେମାନେ ମନ୍ଦ କଳ୍ପନା କରି, ପାପ ପ୍ରସବ କରୁଥିଲେ । ତେଣୁକରି ପରମେଶ୍ୱର ସେମାନଙ୍କ ସଙ୍ଗ ପରିତ୍ୟାଗ କଲେ । ସେମାନଙ୍କ ଜୀବନ ଶୈଳୀରେ ଅତ୍ୟନ୍ତ ଅସନ୍ତୁଷ୍ଟ ଥିଲେ । ପାପ ଦ୍ୱାରା ସେମାନେ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇଥିଲେ ଓ ସେମାନଙ୍କ କ୍ରନ୍ଦନ ସଦାପ୍ରଭୁଙ୍କ କର୍ଣ୍ଣଗୋଚର ନୋହିଲା ।

**୩. ଆଜିର ସମସ୍ୟା ସୁଦ୍ଧା ପାପ ଅଟେ :-** କେଉଁ ପାପ ଆଜିର ମନୁଷ୍ୟଙ୍କୁ ସଦାପ୍ରଭୁଙ୍କ ଠାରୁ ଦୂରରେ ରଖେ ? ଯେଉଁସବୁ ପାପ ଇଶ୍ରାଏଲୀୟମାନଙ୍କୁ ପରମେଶ୍ୱରଙ୍କ

ଠାରୁ ବିଚ୍ଛିନ୍ନ କରେ, ସେହିସବୁ ପାପ ଆଜିର ମନୁଷ୍ୟକୁ ସଦାପ୍ରଭୁଙ୍କ ଠାରୁ ବିଚ୍ଛିନ୍ନ କରେ । ପାଉଲ ସେଗୁଡ଼ିକୁ ''ଶରୀରର କାର୍ଯ୍ୟ ରୂପେ ବର୍ଣ୍ଣନା କରିଅଛନ୍ତି, ''ଶରୀରର କାର୍ଯ୍ୟଗୁଡ଼ିକ ତ ସ୍ପଷ୍ଟରୂପେ ଜଣା ବ୍ୟଭିଚାର, ଅଶୁଚିତା, କାମୁକତା, ପ୍ରତିମାପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଇର୍ଷା, ମତ୍ତତା, ରଙ୍ଗରସ ଇତ୍ୟାଦି ପ୍ରକାର କର୍ମଗୁଡ଼ାକ, ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କହିଥିଲି, ସେହିପରି ଆଗରୁ କହୁଅଛି ଯେ, ଯେଉଁମାନେ ଏହି ସବୁ ପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ ।'' (ଗାଲାତୀ ୫:୧୯-୨୧)

ପ୍ରିୟ ପାଠକ, ଆପଣ କି ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇଅଛ ? ଆପଣଙ୍କ ଜୀବନରେ ଯଦି ପାପ ଅଛି, ଆପଣ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇଅଛନ୍ତି । ଆପଣ ମନପରିବର୍ତ୍ତନ କରନ୍ତୁ ବୋଲି ଭିକ୍ଷା କରୁଅଛୁ ! ପାପ ଠାରୁ ବିମୁଖ ହୋଇ, ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତୁ । ଆପଣ ଯଦି ସୁସମାଚାରର ଆଜ୍ଞାବହ ହୋଇନାହାନ୍ତି, ଆଜିହିଁ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ପାପରୁ ମନପରିବର୍ତ୍ତନ କରି ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ବିଶ୍ୱାସ କରି ବାପ୍ତିଜିତ ହୁଅନ୍ତୁ । ଏହିପରି ଭାବେ ଆପଣ ପରମେଶ୍ୱରଙ୍କ ସହିତ ସମ୍ମିଳିତ ହୋଇପାରିବେ । (କଲସୀ ୧:୨୨) ଯଦି ଆପଣ ଖ୍ରୀଷ୍ଟିୟାନ ହୋଇ, ପାପ କରି ତାହାଙ୍କ ଠାରୁ ବିଚ୍ଛିନ୍ନ ହୋଇଅଛନ୍ତି, ପରମେଶ୍ୱରଙ୍କ ନିକଟକୁ ଫେରି ଆସନ୍ତୁ । ଆପଣା ପାପ ସ୍ୱୀକାର କରି ପ୍ରାର୍ଥନା କରନ୍ତୁ ସେ ଆପଣଙ୍କୁ କ୍ଷମା କରିବେ । (ପ୍ରେରିତ ୮:୨୨, ୧ମ ଯୋହନ ୧:୮-୨୧)

**- Lay Mitchell**

❋❋❋

# ଈଶ୍ୱରଙ୍କ ସନ୍ତାନ କି ଅନୁଗ୍ରହରୁ ପତିତ ହୁଏ ?
## (Can a child of God fall from Grace ?)

ଥରେ ମନୁଷ୍ୟ ପରିତ୍ରାଣପ୍ରାପ୍ତ ହେଲେ, ସେ କୌଣସି ପ୍ରକାରେ ପତିତ କିଅବା ବିନଷ୍ଟ ହୁଏ ନାହିଁ ବୋଲି ଅନେକ ବିଶ୍ୱାସ କରନ୍ତି ଓ ଶିକ୍ଷା ଦିଅନ୍ତି । ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ କହନ୍ତି, ''ତୁମ୍ଭେମାନେ ଯେତେ ଲୋକ ବ୍ୟବସ୍ଥା ଦ୍ୱାରା ଧାର୍ମିକ ହେବାକୁ ଚାହୁଁଅଛ, ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଠାରୁ ବିଚ୍ଛିନ୍ନ ହୋଇଅଛ, ତୁମ୍ଭେମାନେ ଅନୁଗ୍ରହରୁ ପତିତ ହୋଇଅଛ ।'' (ଗାଲାତୀ ୫:୪) । ମୋଶାଙ୍କ ବ୍ୟବସ୍ଥାନୁଯାୟୀ ଜୀବନଯାପନ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଅନୁଗ୍ରହରୁ ପତିତ ହୋଇଅଛନ୍ତି ବୋଲି ପାଉଲ କହିଅଛନ୍ତି, କାରଣ ସେହି ବ୍ୟବସ୍ଥାକୁ ଯୀଶୁଖ୍ରୀଷ୍ଟ କ୍ରୁଶରେ ହତ ହୋଇ

ସଫଳ କଲେ ଓ ଲୋପ କଲେ । (କଲସୀ ୨:୧୪) ଆଜିର ସ... ଈଶ୍ୱରଙ୍କ ବାକ୍ୟକୁ ଉପଯୁକ୍ତ ଭାବେ ବିଭାଜନ କରିବାରେ ଅସଫଳ ହୋଇଅଛି । ଅନେକେ ଆଂଶିକଭାବେ ପୁରାତନ ନିୟମ ଓ ଆଂଶିକ ଭାବେ ନୂତନ ନିୟମ ପାଳନ କରୁଅଛନ୍ତି । ସଂତୃପ୍ତି ନିମନ୍ତେ ସ୍ୱଇଚ୍ଛାରେ ନୀତି ପାଳନ କରୁଅଛନ୍ତି । ପୁରାତନ ନିୟମକୁ ଧ୍ୟାନ ନିମନ୍ତେ, ଦୃଷ୍ଟାନ୍ତ ନିମନ୍ତେ ଓ ନୂତନ ନିୟମକୁ ସ୍ପଷ୍ଟଭାବେ ବୁଝିବା ନିମନ୍ତେ ବ୍ୟବହାର କରୁ । ପୁରାତନ ନିୟମ ଏବେ ପ୍ରଚଳନର ନାହିଁ । ଏବେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିୟମ ଅର୍ଥାତ୍ ନୂତନ ନିୟମାଧିନ ଅଟୁ ।

ଯେଉଁମାନେ କେବେ ବି ଅନୁଗ୍ରହରୁ ପତିତ ହେବେ ନାହିଁ ବୋଲି ମନେ କରନ୍ତି, ସେମାନେ ଆପଣାକୁ ପ୍ରତାରଣା କରୁଅଛନ୍ତି । ଏହା ଅତି ଭୟଙ୍କର ବିଷୟ ! ଆମ୍ଭେମାନେ ପ୍ରତିଦିନ ଈଶ୍ୱରଙ୍କ ବାକ୍ୟାନୁଯାୟୀ ଜୀବନଯାପନ କରୁ । ସର୍ବଦା ପ୍ରାର୍ଥନା କରୁ ଓ ତାହାଙ୍କ ଠାରେ କ୍ଷମାଭିକ୍ଷା କରୁ । ଲେଖାଯାଏ,"ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେକରେ, ଯେପରି ପତିତ ନହୁଏ, ଏଥି ନିମନ୍ତେ ସେ ସାବଧାନ ହେଉ ।" (୧ମ କରିନ୍ଥୀ ୧୦:୧୨) । "ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି ।" (ରୋମୀୟ ୩:୨୩) ପାଉଲ ସୁଦ୍ଧା ଅନୁଗ୍ରହରୁ ପତିତ ହେବେ ବୋଲି ଭୟ କରୁଥିଲେ । "ଅନ୍ୟ ଲୋକମାନଙ୍କ ନିକଟରେ ପ୍ରଚାର କରି କାଳେ ମୁଁ ନିଜେ କୌଣସି ପ୍ରକାରେ ଅଗ୍ରାହ୍ୟ ହୁଏ, ଏଥିପାଇଁ ମୋହର ନିଜ ଶରୀରକୁ କଷ୍ଟ ଦେଇ ବଂଶରେ ବାସ କରି ଆମ୍ଭମାନଙ୍କ ଜୀବନ ବିନଷ୍ଟ ନକରେ ସେଥି ନିମନ୍ତେସର୍ବଦା ସତର୍କ ରହୁ ।

ଆମ୍ଭେମାନେ ଧାର୍ମିକତାର ପଥ ଜାଣି ସୁଦ୍ଧା ଅନୁଗ୍ରହରୁ ପତିତ ହୋଇପାରୁ ବୋଲି ୨ ପିତ ୨:୨୧-୨୨ ପଦରେ ପ୍ରେରିତ ପିତର ଖ୍ରୀଷ୍ଟିୟାନମାନଙ୍କୁ ସତର୍କ କରାନ୍ତି । ଯାହା କହେ,".......ଧାର୍ମିକତାର ମାର୍ଗ ଜାଣି ଆପଣାମାନଙ୍କ ନିକଟରେ ସମର୍ପିତ ପବିତ୍ର ଆଜ୍ଞାରୁ ବିମୁଖ ହେବା ଅପେକ୍ଷା ବରଂ ସେହି ମାର୍ଗ ନ ଜାଣିବା ସେମାନଙ୍କ ପକ୍ଷରେ ଭଲ ହୋଇଥାଆନ୍ତା । କୁକୁର ଆପଣା ବାନ୍ତି ଖାଇବାକୁ ଓ ଧୌତ ହୋଇଥିବା ଘୁଷୁଡ଼ି କାଦୁଅରେ ଲୋଟିବାକୁ ପୁନର୍ବାର ଫେରେ, ଏହି ସତ୍ୟ ଦୃଷ୍ଟାନ୍ତ ବାକ୍ୟ ସେମାନଙ୍କ ପ୍ରତି ଘଟିଅଛି ।" ଯେଉଁମାନେ ପରମେଶ୍ୱରଙ୍କ ବାକ୍ୟ ସଠିକ୍‌ଭାବେ ଧ୍ୟାନ କରନ୍ତି, ସେମାନେ ଖ୍ରୀଷ୍ଟିୟାନ ହୋଇ ସୁଦ୍ଧା ଅନୁଗ୍ରହରୁ ପତିତ ହୁଅନ୍ତି ବୋଲି ସ୍ପଷ୍ଟରୂପେ ବୁଝିପାରନ୍ତି । ଯେଉଁମାନେ ମନପରିବର୍ତ୍ତନ ନ କରନ୍ତି ସେମାନେ ସମସ୍ତେ ବିନଷ୍ଟ ହେବେ ।

**- Dale Grissom**

❋❋❋

...d & Published by : Kabita & Joshua Gootam

# THE LOVE OF MONEY

*1 Timothy 6:10*

*INTRODUCTIO :*

1. Money is one of the most powerful weapons in the world.
2. It is prized from the highest to the lowest.
3. It can be a blessing but it is usually a curse.

*DISCUSSION :*

**I. Money Defined.**

1. It is but paper or metal
2. There is nothing harmful about this.
3. It is used to exchange for something else.

**II. The thing that makes money Harmful**

1. Is a love for it.
2. The love of money is the root of all evil.
3. Regardless of sin, the love of money is usually behind it.

**III. Those who love money.**

1. The rich.
2. The poor.
3. Most all people.

**IV. what it leads too.**

1. Murder.
2. Theft.
3. War.
4. Prostitution
5. All Sins.

**V. Even Christians love money.**

1. Anninias and Sapphira lied because of it. (Acts 5).
2. Judas betrayed the Lord as a result.
3. Many rob God, when it comes to giving.

**VI. The Bible warns about laying up treasure on the Earth.**

1. The rich man (LK. 16).
2. The foolish man.
3. Treasures on earth will pass away.
4. Money perishes with the invididual. (Acts 8:20).
5. The Love of money is the root of all evil. (1 Tim 6:10).
6. Riches do not profit one in the day of wrath. (Prov. 11:4).
7. To trust in riches is to fall. (Prov. 11:28).
8. A good name is better than great riches. (Prov. 22:1).
9. Many are deceived by riches. (Matt 13:22).
10. It is difficult for a rich man to go to heaven. (Luke 18:24).
11. One cannot serve the Lord and love money. (1 Tim 3; Titus 1).

**VII. Money Keeps the sinner from obeying God so often.**
1. He puts his trust in his money.
2. He thinks he has need of nothing.
3. He thinks that his money will save him.

**VIII. What money cannot do.**
1. It cannot save.
2. It cannot give hope.
3. It cannot buy good health.
4. It cannot bring true friendship.

**IX. Should store up treasures.**
1. Not by serving man, but by serving God.
2. Not on earth but in heaven.

**X. The Christian is rich.**
1. He is saved.
2. He has th blessings of the Lord.
3. He is a Christian.
4. He is a member of the church.
5. He has friends.
6. He has a clear conscience.
7. He is at peace with all.
8. He has hope.

**CONCLUSION :**
1. Money is the curse of most people.
2. Don't become a slave to it but let it serve you.

*- J.C. Choate*

From :
SATYA VANI
P.O.BOX.80
KAKINADA - 533 001.

PRINTED BOOK ONLY

To

(FOR PRIVATE CIRCULATION ONLY)